## ଇଂ. ବିଜୟ ଝୋଡିଆ ବ୍ଲକ କଂଗ୍ରେସ ସଭାପତି

ତେନ୍ତୁଲିଖୁଣ୍ଟି,(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଯୁବ କଂଗ୍ରେସ ସଭାପତିଭାବେ ଅଖିଳ ଭତ୍ରା ଓ ଅନ୍ୟମାନଙ୍କ ସହମତି ଭିତ୍ତିରେ ବ୍ଲକ ଯୁବ କଂଗେ୍ରସ ସଭାପତି ଚୟନ କରାଯାଇଛି। ତେନ୍ତୁଲିଖୁଣ୍ଟି ବ୍ଲକ ପାଇଁ ପରଜା ବାରଙ୍ଗ ପଦର ସରପଞ୍ଚ ଇଂ ବିଜୟ ଝୋଡିଆଙ୍କୁ ନିଯୁକ୍ତି ମିଳିଛି। ଦଳକୁ ସଙ୍ଗଠିତ ଓ କ୍ଷମତାସୀନ କରାଇବା ଦିଗରେ ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ସେ କହିଛନ୍ତି। ରାଜ୍ୟ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ଜିଲା ଯୁବ କଂଗ୍ରେସ ସଭାପତି ଅଖିଳ ଭତ୍ରା, ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀଙ୍କ ଦିଗ୍‌ଦର୍ଶନରେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି।

**ସଂକ୍ଷେପରେ**

## ୨ ମନ୍ତ୍ରୀଙ୍କୁ ଭେଟି ସମସ୍ୟା ଜଣାଇଲେ ଏମ୍‌ପି



ନବରଙ୍ଗପୁର,୨୯।୭(ବି.ପ୍ର.)- ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଲିଖିତଭାବେ ଜଣାଇଛନ୍ତି। ନବରଙ୍ଗପୁର ଜିଲାରେ ୟୁରିଆ ସାର ଅଭାବ ରହିଛି। ୪୫ ହଜାର ମେଟ୍ରିକ ଟନ ସାର ଯୋଗାଇବାକୁ ରସାୟନ ସାର କେନ୍ଦ୍ରମନ୍ତ୍ରୀ ମନଶୁଖ ମୁଣ୍ଡଭିୟାଙ୍କୁ ଜଣାଇଛନ୍ତି। ଏବେ ଚାଷ ସମୟ। ଚାଷୀ ସାର ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ସେ କହିଛନ୍ତି। ନବରଙ୍ଗପୁର ନିର୍ବାଚନ ମଣ୍ଡଳୀ ଅଧୀନ କୋଟପାଡ଼ରେ ଦୁରୁଆ ସମ୍ପ୍ରଦାୟର ଜନଜାତି ବସବାସ କରୁଛନ୍ତି। ଉକ୍ତ ସମ୍ପ୍ରଦାୟଙ୍କୁ ଅନୁସୂଚିତ ଜନଜାତି ମାନ୍ୟତା ସହ ସମସ୍ତ ସୁବିଧାସୁଯୋଗ ଯୋଗାଇ ଦେବାକୁ ଏମ୍‌ପି କେନ୍ଦ୍ର ଜନଜାତି ବିଭାଗ ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ଜଣାଇଛନ୍ତି।

## ଇତିହାସ ବିଭାଗର ଅନ୍‌ଲାଇନ୍ ଆଲୋଚନାଚକ୍ର

ଗୁଣପୁର,୨୯।୭(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁର କଲେଜ ଇତିହାସ ବିଭାଗ ପକ୍ଷରୁ ଏକ ଅନ୍‌ଲାଇନ୍ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷ ବାମଦେବ ମିଶ୍ର ଏହାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ତାମିଲନାଡୁ ତିରୁଭାରୁର ପ୍ରଫେସର ଭଗବାନ ସାହୁ ଯୋଗଦେଇ ଦକ୍ଷିଣ ଓଡ଼ିଶାର ଲୋକ ସଂସ୍କୃତି ଏକ ଐତିହାସିକ ବିଶ୍ଲେଷଣ ନାମକ ସନ୍ଦର୍ଭ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ଗୁଣପୁର କଲେଜ ସମେତ ଅନ୍ୟ କଲେଜର ଛାତ୍ରୀଛାତ୍ର ଓ ଅଧ୍ୟାପକମାନେ ଅଂଶଗ୍ରହଣ କରିଥିଲେ। ଗୁଣପୁର କଲେଜ ଇତିହାସ ବିଭାଗର ମୁଖ୍ୟ ଜବାହାରଲାଲ ଚୌଧୁରି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଭାଗୀୟ ଅଧ୍ୟାପକ ସତ୍ୟବାନ ଗରଡ଼ା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟାପକ ବସନ୍ତ ସାହୁ ଧନ୍ୟବାଦ ଦେଇଥିଲେ। ଆଇକ୍ୟୁଏସି ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଗଣେଶ୍ୱର ଶତପଥୀ, ସୂର୍ଯ୍ୟ ନାରାୟଣ ପଣ୍ଡା, ରାମଚନ୍ଦ୍ର ପଣ୍ଡା, ଶଶୀଭୂଷଣ ମହାନ୍ତି, ଅମୀୟ ରଞ୍ଜନ ମହାନ୍ତି, ଶ୍ୟା ସୁନ୍ଦର ମହନ୍ତ ଏବଂ ଦେବାଶ୍ରୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୧୨.୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ଜଣେ ଗିରଫ

ରାୟଗଡ଼ା ଅଫିସ,୨୯।୭-ଗଜପତି ଜିଲାରୁ ଛତିଶଗଡ଼ ଚାଲାଣବେଳେ ରାୟଗଡ଼ା ଜିଲା ଗୁଡାରୀ ଏବଂ କେନ୍ଦୁଗୁଡ଼ା ପୋଲିସ ଏକ ଟ୍ରକ୍‌ରୁ ୧୨.୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି। ଟ୍ରକ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ପୋଲିସ ଟିମ୍ ଚଢ଼ାଉ କରିଥିଲେ। ପଦ୍ମପୁର ବ୍ଲକ କେନ୍ଦୁଗୁଡ଼ା ଫାଣ୍ଡି ଅଧୀନ କୁତ୍ରାଧର ରାସ୍ତା ନିକଟରେ ଟ୍ରକ୍‌ଟିକୁ ଅଟକାଇଥିଲେ। ଯାଞ୍ଚବେଳେ ସେଥିରୁ ଗଞ୍ଜେଇ ବାହାରିଥିଲା। ଏହି ଘଟଣାରେ ପୋଲିସ ବିହାର ରାଜ୍ୟ ମୁଙ୍ଗେର୍ ଅଞ୍ଚଳର ଅମରେଶ କୁମାର ସିଂଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇ ଅତିରିକ୍ତ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କ ଉପସ୍ଥିତରେ ଓଜନ କରାଯାଇଥିବାବେଳେ ତାହା ୨୪୫ କେଜି ବୋଲି ଜଣାପଡ଼ିଥିବା ଗୁଡାରୀ ଥାନାଧିକାରୀ ସୁଶାନ୍ତ କୁମାର ତାଡଉିୟା ସୂଚନା ଦେଇଛନ୍ତି।

# ଇଭିଏମ୍ ବଦଳରେ ବାଲଟ୍ ପେପର ବ୍ୟବହାର କରାଯାଉ

**ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ଦାବିପତ୍ର**

ନବରଙ୍ଗପୁର,୨୯।୭(ବି.ପ୍ର.)

ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମ୍ବିଧାନ ଧାରା ୨୪୪(କ) ଓ (ଖ) ପ୍ରକାରେ ଦେଶରେ ଓ ପ୍ରତି ରାଜ୍ୟରେ ଗୋଟିଏ ଲେଖାଏ ଆଦିବାସୀ ପରିଷଦ ସରକାରୀ ଭାବରେ ଗଠନ କରିବାକୁ ଦାବି ହୋଇଛି। ନୂତନ ଆର୍ଥିକ ଯୋଜନା ଅନୁଯାୟୀ ସରକାରୀ ଅନୁଷ୍ଠାନ ଓ ସଂସ୍ଥାକୁ ଘରୋଇକରଣ ମାଧ୍ୟମରେ ଏସ୍‌ସି ଏସ୍‌ଟି ଏବଂ ଓବିସିଙ୍କୁ ଚାକିରିରୁ ବଞ୍ଚିତ କରିବାକୁ ଉଦ୍ୟମ କରାଯାଉଛି।



ଦାବି ଜଣାଇବାକୁ ଆସିଥିବା ପରିଷଦ ସଦସ୍ୟମାନେ।

ଭୋଟ ବ୍ୟବସ୍ଥାରେ ଇଭିଏମ୍ ପରିବର୍ତ୍ତେ ବାଲଟ ପେପର ବ୍ୟବହାର କରାଯାଉ। ଆସନ୍ତା ଜନଗଣନା ସମୟରେ ଆଦିବାସୀଙ୍କ ଧର୍ମ ସ୍ଥାନ ପାଇଁ ଏକ କଲମ ରଖାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପରିଷଦର ରାଜ୍ୟ ସଭାପତି ଦାମୋଦର ପୂଜାରୀ, ଅବିଭକ୍ତ କୋରାପୁଟ ଜିଲା ମୂଳ ନିବାସି ବିକାଶ ପରିଷଦ ଅଧକ୍ଷ ଚନ୍ଦ୍ରଧ୍ୱଜ ମାଝି, ବହୁଜନ କ୍ରାନ୍ତି ମୋର୍ଚ୍ଚା ଜିଲା ସଭାପତି ନରହରି ନାୟକ, ଓଡିଶା ରାଜ୍ୟ ବେରୋଜଗାର ମୋର୍ଚ୍ଚା ରାଜ୍ୟ ସଭାପତି ଚିଙ୍କା ଭତରା, ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚା ଜିଲା ସଭାପତି ପ୍ରକାଶ ଭତରା, ଡ଼ମୁସିଂ ମାଝି , ବିବ୍ରୁବହନ ନାୟକ, ରତନ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାବାସୀଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ

ନବରଙ୍ଗପୁର, ୨୯।୭ ( ବି.ପ୍ର. )



ମାଛ ଯାଆଁଳା ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

ବିଜ୍ଞାନ ଓ କାରିଗରୀ ବିଦ୍ୟା ପ୍ରକଳ୍ପ ମାଧ୍ୟମରେ ନବରଙ୍ଗପୁର ଜିଲା କର୍ଚାମାଲରେ ଏକ ମାଛ ଯାଆଁଳା ଉତ୍ପାଦନ କେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ମଧୁର ଜଳ ଜୀବ ପରିପାଳନ ସଂସ୍ଥାନ ଭୁବନେଶ୍ୱର ନିର୍ଦ୍ଦେଶକ ଡ. ସରୋଜ କୁମାର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲାବାସୀ ସ୍ୱାବଲମ୍ବୀ ହେବେ। ଏଥିସହ ପଡୋଶୀ ଜିଲା ଓ ଛତିଶଗଡ ମାଛ ଚାଷୀଙ୍କୁ ଏହା ଲାଭ ଯୋଗାଇ ପାରିବ ବୋଲି କହିଥିଲେ। ୫ ହେଚେରି ସ୍ଥାପନ ଦ୍ୱାରା ପ୍ରାୟ ୨୫ କୋଟି ମାଛ ଯାଆଁଳା ଉତ୍ପାଦନ ହୋଇ ପାରିବ ବୋଲି ପ୍ରକଳ୍ପ ବୈଜ୍ଞାନିକ ଡ. ନଗେଶ ବାରିକ କହିଥିଲେ। ଜିଲା ମାଛ ଚାଷରେ ଆତ୍ମନିର୍ଭରଶୀଳ ହୋଇପାରିବ ବୋଲି ସେ କହିଥିଲେ। ଏହି କେନ୍ଦ୍ର ସ୍ଥାପନ ଦ୍ୱାରା ମହିଳାମାନଙ୍କ ଆୟ ଦୁଇ ଗୁଣ ହୋଇପାରିବ ବୋଲି କର୍ଚାମାଲ ସରପଞ୍ଚ ଉମାଦେବୀ କହିଥିଲେ। କାର୍ଯକ୍ରମରେ ସିଫାର ପ୍ରଧାନ ବୈଜ୍ଞାନିକ ଡ. ପଦ୍ମନାଭ ରାଉତରାୟ, କୃଷ୍ଣଚନ୍ଦ୍ର ଦାସ, ଜିଲା ମତ୍ସ୍ୟ ଅଧିକାରୀ କୁନ୍‌ୱର୍ ମାରଣ୍ଡି, ଜିଲା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରକଳ୍ପ କ୍ରିୟାନ୍ୱୟନ କମିଟି ସଦସ୍ୟ ଲକ୍ଷ୍ମୀ ନାରାୟଣ ବକ୍ସି, ଉଦ୍ୟୋଗୀ କ୍ଷୀରୋଦ ନାୟକଙ୍କ ସମେତ ଧଣ୍ଡ ଦରୁନି ଏସ୍‌ଏଚ୍‌ଜି ସଦସ୍ୟା ଓ ମାଛ ଚାଷୀମାନେ ଉପସ୍ଥିତ ଥିଲେ।

# ଫାଇଲ ତଳେ ରହିଛି ବିସ୍ଥାପିତଙ୍କ ସମସ୍ୟା

■ ବେସିନ ମ୍ୟାନେଜର କାର୍ଯ୍ୟାଳୟ ସ୍ଥାନାନ୍ତକୁ ବିରୋଧ
■ ୟୁନିଟ୍ ପିଛା ୧ଟଙ୍କାରେ ବିଦ୍ୟୁତ୍ ଯୋଗାଣ ଦାବି

ନବରଙ୍ଗପୁର,୨୯।୭(ବି.ପ୍ର.)

ନବରଙ୍ଗପୁର ସହରସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରେ ଗୁରୁବାର ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ଇନ୍ଦ୍ରାବତୀସ୍ଥିତ ବେସିନ ମ୍ୟାନେଜର ତଥା ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଜୟପୁରକୁ ସ୍ଥାନାନ୍ତର କରା ନ ଯାଇ ସେଠାରେ ରହୁ ବୋଲି ଦଳ ଦାବି କରିଛି। ୨୦୧୪ରେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ଜଳସେଚନ ପ୍ରକଳ୍ପ ଅତିଶୀଘ୍ର ଆରମ୍ଭ କରି ତାହାର କାର୍ଯ୍ୟ ଶେଷ କରିବାକୁ ଦାବି ହୋଇଛି। ବୁଡି ଅଞ୍ଚଳର ବିସ୍ଥାପିତଙ୍କ ସମସ୍ୟା କେବଳ ଫାଇଲ ତଳେ ଚାପି ହୋଇ ରହିଛି, ସେମାନଙ୍କ ସମସ୍ୟା ବୁଝି ତାହାର ସମାଧାନ କରାଯାଉ ବୋଲି ଦଳ ପକ୍ଷରୁ କୁହାଯାଇଛି। ପାରିପାର୍ଶ୍ୱିକ ବିକାଶ ଏବଂ କର୍ପସ ଫଣ୍ଡର ବିନିଯୋଗରେ ଜିଲାବାସୀଙ୍କୁ ୟୁନିଟ ପିଛା ଏକ ଟଙ୍କାରେ ବିଦ୍ୟୁତ୍ ଦେବାକୁ ଦାବି କରାଯାଇଛି। ଏହି ସବୁ ସମସ୍ୟା ସମାଧାନ ନ କରି ବେସିନ ମ୍ୟାନେଜରଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର କଲେ ଦଳ ପକ୍ଷରୁ ଖାତିଗୁଡାରୁ ଭୁବନେଶ୍ୱର ନବୀନ ନିବାସ ପର୍ଯ୍ୟନ୍ତ ପଦଯାତ୍ରା କରାଯିବ। ଏଥିସହ ନବୀନ ନିବାସ ସମ୍ମୁଖରେ ନେତା ଓ କର୍ମୀମାନେ ଧାରଣାରେ ବସିବେ ବୋଲି ଜିଲା ଭାଜପା ସଭାପତି ଜଗଦୀଶ ଚନ୍ଦ୍ର ବିଶୋଇ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ଶଙ୍କର ମାଝି, ପୂର୍ବତନ ଜିଲା ଭାଜପା ସଭାପତି ଗୋବିନ୍ଦ ଜୈନ, ନଗର ଭାଜପା ସଭାପତି ପିଣ୍ଟୁ ମିଶ୍ର, ଅରୁଣ ପୂଜାରୀ, ଦୈତାରି ମାଝି ଏବଂ ଶୁଭମ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ନବରଙ୍ଗପୁର ଜିଲାରେ ହେବ ରଙ୍ଗିନ ମାଛଚାଷ

ନବରଙ୍ଗପୁର,୨୯।୭(ବି.ପ୍ର.)

କେନ୍ଦ୍ରୀୟ ମଧୁରଜଳ ଜୀବ ପରିପାଳନ ସଂସ୍ଥାନ ଭୁବନେଶ୍ୱର ପକ୍ଷରୁ ନବରଙ୍ଗପୁର ଜିଲାରେ ରଙ୍ଗିନ ମାଛଚାଷ ବୁଧବାର ଆରମ୍ଭ ହୋଇଛି। ତାରାଗାଁଠାରେ ଜିଲାପାଳ ଅଜିତ କୁମାର ମିଶ୍ର ଓ ସିଫାର ନିର୍ଦ୍ଦେଶକ ସରୋଜ କୁମାର ସ୍ୱାଇଁ ମିଳିତଭାବେ ଶୁଭାରମ୍ଭ କରିଥିଲେ। ବିଜ୍ଞାନ ଓ କାରିଗରି ବିଦ୍ୟା ପ୍ରକଳ୍ପ ମାଧ୍ୟମରେ ନବରଙ୍ଗପୁର ଜିଲାରେ ୫ଟି ଯାଆଁଳ ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯାଇଛି। ଏହା ବ୍ୟତୀତ ଜିଲାରେ ଜନଜାତି ଉନ୍ନତି ପ୍ରକଳ୍ପ ମାଧ୍ୟମରେ ଆନୁଷଙ୍ଗିକ ଉପକରଣ ମାଛଚାଷୀଙ୍କୁ ଯୋଗାଇ ଦିଆଯାଉଛି ବୋଲି ଜିଲାପାଳ କହିଥିଲେ। ରଙ୍ଗିନ ମାଛଚାଷ ଦ୍ୱାରା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଉଦ୍ୟୋଗୀଙ୍କ ଆର୍ଥିକ ଉନ୍ନତି ହୋଇପାରିବ ବୋଲି ସିଫାର ନିର୍ଦ୍ଦେଶକ ମତବ୍ୟକ୍ତ କରିଛନ୍ତି। ଶୀଘ୍ର ୩୦ ଚାଷୀଙ୍କୁ ସିଫାରେ ୩ ଦିନିଆ ତାଲିମ ଦିଆଯିବା ସହ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ନବରଙ୍ଗପୁର ଅଞ୍ଚଳରୁ ୧୫ ଜଣ ଓ ଉମରକୋଟ ଅଞ୍ଚଳର ୧୫ ଚାଷୀ ଓ ଉଦ୍ୟୋଗୀଙ୍କୁ ପ୍ରଥମ ପର୍ଯ୍ୟାୟରେ ତାଲିମ ଦିଆଯିବ। ଏହି କାର୍ଯ୍ୟକ୍ରମରେ କୁସୁମ ଝୋରି, କର୍ଚାମାଲ, କପୁର, ତାରାଗାଁର ଆଦିବାସୀ ଏସ୍‌ଏଚ୍‌ଜି ଗୋଷ୍ଠୀଙ୍କୁ ଆନୁଷଙ୍ଗିକ ସହାୟତା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ନବରଙ୍ଗପୁର ଉପଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲ, ସିଫାର ପ୍ରଧାନ ବୈଜ୍ଞାନିକ ପଦ୍ମନାଭ ରାଉତରାୟ, କୃଷ୍ଣଚନ୍ଦ୍ର ଦାସ, ବରିଷ୍ଠ ବୈଜ୍ଞାନିକ ନଗେଶ ବାରିକ, ଜିଲା ମତ୍ସ୍ୟ ଅଧିକାରୀ କୁନୱର ମାରାଣ୍ଡି, ଜିଲା କୃଷି ଅଧିକାରୀ ଏ. ମିଶ୍ର, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରକଳ୍ପର କ୍ରିୟାନ୍ୱୟନ କମିଟି ସଦସ୍ୟ ଲକ୍ଷ୍ମୀନାରାୟଣ ବକ୍ସି, ଉଦ୍ୟୋଗୀ ଏସ୍. ଦାସ, ଇର୍‌ଫାନ ଖାଁଙ୍କ ସମେତ ୫୦ ଏସ୍‌ଏଚ୍‌ଜି ଓ ଚାଷୀ ଉପସ୍ଥିତ ଥିଲେ।

# ଉନ୍ନତ ବଳଦ ଟଣା କାଦୁଅ କରିବା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ

ବିଷମକଟକ, ୨୯।୭ (ଡି.ଏନ୍.ଏ.)



ଉନ୍ନତ ବଳଦ ଟଣା କାଦୁଅ ଯନ୍ତ୍ରରେ କାଦୁଅ କରାଯାଉଛି।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ ପଶୁ ଶକ୍ତିର ସଦୁପଯୋଗ ନେଇ ସର୍ବ ଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ ଏବଂ ବେସରକାରୀ ସଂସ୍ଥା ହର୍ଷ ଟ୍ରଷ୍ଟର ମିଳିତ ସହଯୋଗରେ ବିଷମକଟକ ବ୍ଲକ ବାରିଗୁଡ଼ାଠାରେ ଧାନଚାଷ ପାଇଁ ଉନ୍ନତ ବଳଦ ଟଣା କାଦୁଅ କରିବା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଅନ୍‌ଲାଇନ୍‌ରେ ଆଇସିଏଆର-ସିଆଇଏଇ, ଭୋପାଳରୁ ପ୍ରକଳ୍ପ ସଂଯୋଜକ ପ୍ରଫେସର ମହାରାଣୀ ଦିନ୍, ବିଶ୍ୱବିଦ୍ୟାଳୟର ଗବେଷଣା ଅଧକ୍ଷ ପ୍ରଫେସର ସିମାଞ୍ଚଳ ସାହୁ, ସମ୍ପ୍ରସାରଣ ଅଧକ୍ଷ ପ୍ରଫେସର ପ୍ରସନ୍ନଜିତ ମିଶ୍ର, କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ସଞ୍ଜୟ କୁମାର ଦାଶ, କ୍ଷେତ୍ର ଯନ୍ତ୍ରପାତି ଓ ଶକ୍ତି ବିଭାଗର ମୁଖ୍ୟ ପ୍ରଫେସର ଦେବରାଜ ବେହେରା, କନ୍ଧମାଳ ମୁଖ୍ୟ ଜିଲା କୃଷିଅଧିକାରୀ ପ୍ରଶାନ୍ତ ଶତପଥୀ, ଓଡ଼ିଶା ସରକାରଙ୍କ କୃଷି ବିଭାଗର କୃଷି ଯନ୍ତ୍ରୀ ଓ କୃଷି ଅଧିକାରୀମାନେ ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ରାୟଗଡ଼ାସ୍ଥିତ ହର୍ଷ ଟ୍ରଷ୍ଟର ସ୍ଥାନୀୟ ପରିଚାଳକ ଶରତ କୁମାର ସାହୁ, ବୁଧନାଥ ପଣ୍ଡା, ପ୍ରମୋଦ କୁମାର ପ୍ରଧାନ, ସି. ପ୍ରଧାନ, ନୃସିଂହ ଚରଣ ରଥ, ଅଗ୍ରଣୀ ଚାଷୀ ପ୍ରଦୀପ ରତ୍ନାଲୁ ପ୍ରମୁଖ ଏହି କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକଳ୍ପ ପକ୍ଷରୁ ବିକଶିତ ଓୟୁଏଟି କାଦୁଅ କରିବା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ ବେଳେ ଗବେଷଣା ଯନ୍ତ୍ରୀ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ ଯନ୍ତ୍ରର ବ୍ୟବହାର, ସୁବିଧା, ସତର୍କତା, ମୂଲ୍ୟ, ସରକାରୀ ରିହାତି ଓ ପ୍ରାପ୍ତିସ୍ଥାନ ବିଷୟରେ ସୂଚନା ଦେଇଥିଲେ। ଦେଶୀ ଲଙ୍ଗଳରେ କାଦୁଅ କରିବା ପାଇଁ ଏକର ପିଛା ୧୬-୧୮ ଘଣ୍ଟା ସମୟ ଲାଗିବା ସହ ଚାଷୀଙ୍କୁ କାଦୁଅ ଜମିରେ କଷ୍ଟକରି ଚାଲିବାକୁ ପଡ଼ିଥାଏ। ହେଲେ ଏହି ଉନ୍ନତ ଯନ୍ତ୍ରରେ ମାତ୍ର ୪ ଘଣ୍ଟାରେ ଯନ୍ତ୍ରରେ ବସି କାଦୁଅ କରାଯାଇପାରିବ। ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ଜିଲାରେ ସରକାରୀ ଓ ବେସରକାରୀ ସଂସ୍ଥା ତଥା ବିଶ୍ୱବିଦ୍ୟାଳୟ ଅଧୀନ କୃଷି ବିଜ୍ଞାନ କେନ୍ଦ୍ର ଗୁଡ଼ିକର ସହାୟତାରେ ପ୍ରକଳ୍ପ ପକ୍ଷରୁ ଏଭଳି ଅନେକ କ୍ଷେତ୍ର ପ୍ରଦର୍ଶନ କରାଯିବାର ପ୍ରସ୍ତାବ ରହିଥିବା ପ୍ରଫେସର ସ୍ୱାଇଁ କହିଛନ୍ତି। ଚାଷୀ ଯନ୍ତ୍ରରେ ରିହାତି ସହ ଆବଶ୍ୟକ ସ୍ଥଳେ ତାଲିମ ପାଇପାରିବେ। ହର୍ଷ ଟ୍ରଷ୍ଟର ସ୍ଥାନୀୟ ପରିଚାଳକ ଏଭଳି କ୍ଷେତ୍ର ପ୍ରଦର୍ଶନ ଅନ୍ୟ ବ୍ଲକରେ ମଧ୍ୟ ଆୟୋଜନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବେସରକାରୀ ସଂସ୍ଥା ହର୍ଷ ଟ୍ରଷ୍ଟ(ଗଂଜାମ, ଖୋର୍ଦ୍ଧା) ଏବଂ ସର୍ବ ସେବା ସମିତି (ରାୟଗଡା, କଳାହାଣ୍ଡି)ର କର୍ମକର୍ତ୍ତା ଯୋଗ ଦେଇଥିଲେ।

# ବଡ଼ନାଳ ଜଳଭଣ୍ଡାର ଜଳର ସୁବିନିଯୋଗକୁ ଗୁରୁତ୍ୱ

ପଦ୍ମପୁର,୨୯।୭(ଡି.ଏନ୍.ଏ.)

ବଡ଼ନାଳ ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ସମସ୍ତ ପାଣିପଞ୍ଚାୟତର ସଭାପତିଙ୍କୁ ନେଇ ଏକ ବୈଠକ ରାୟଗଡ଼ା ଜିଲା ପଦ୍ମପୁରସ୍ଥିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବଡ଼ନାଳ ଜଳସେଚନ ପ୍ରକଳ୍ପ ଉପ ନିର୍ବାହୀ ଯନ୍ତ୍ରୀ ସ୍ୱରାଜ କେଶରୀ ନାୟକଙ୍କ ଆହ୍ୱାନକ୍ରମେ ବୁଧବାର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ପଦ୍ମପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରମାକାନ୍ତ ମାଝି, ମୁଖ୍ୟ ଅତିଥି ଭାବେ ଆତ୍ମାର ଅଧକ୍ଷ କୈଳାସ କ୍ରାସ୍କା, ସମ୍ମାନିତ ଅତିଥି ରୂପେ ଏମ୍‌ପିଙ୍କ ପ୍ରତିନିଧି ରାଜୀବ ଲୋଚନ ସାହୁ ଏବଂ ଜିଲା ପରିଷଦ ସଦସ୍ୟ କରୁଣାକର ଶବର, ବ୍ୟବସାୟୀ ତଥା ଚାଷୀ ଦୁର୍ଗା ପ୍ରସାଦ ସାହୁ ଉପସ୍ଥିତ ରହି ଜଳଭଣ୍ଡାରରେ ଗଚ୍ଛିତ ଜଳର ସୁବିନିଯୋଗ ଓ ସୁବଣ୍ଟନ ବ୍ୟବସ୍ଥା ନେଇ ଆଲୋଚନା କରାଯାଇଥିଲା। ସେହିପରି ହାଇକୋର୍ଟ ନିର୍ଦ୍ଦେଶ ଅନୁଯାୟୀ ସ୍ଥଗିତ ଥିବା ପାଣି ପଞ୍ଚାୟତ ୯(ବିଚିକୋଟ) ଏବଂ ୧୬(ଅରେଇ) ମୌଜା ନିର୍ବାଚନ କରିବା ପାଇଁ ଆଲୋଚନା କରାଯାଇଥିଲା।



ବୈଠକରେ ଗୁଣପୁର ବିଧାୟକ, ଜଳସେଚନ ପ୍ରକଳ୍ପ ଉପ ନିର୍ବାହୀ ଯନ୍ତ୍ରୀ ଓ ଅନ୍ୟମାନେ।

**ପାଣିପଞ୍ଚାୟତର ସଭାପତିଙ୍କୁ ନେଇ ବୈଠକ**

ବିଧାୟକ ନିଜ ବକ୍ତବ୍ୟରେ ସମସ୍ତ ଚାଷୀ କିଭଳି ଠିକ୍‌ଭାବେ ପାଣି ପାଇବେ ସେଥିପ୍ରତି ଗୁରୁତ୍ୱ ଦେବା ପାଇଁ ସରକାରୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକ ଅଧକ୍ଷ, ପାଣି ପଞ୍ଚାୟତ ସଭାପତି ଏବଂ ସରକାରୀ କର୍ମଚାରୀ ମିଳିତ ଭାବେ ଆଲୋଚନା କରି କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ହୋଇଛି। ଭବିଷ୍ୟତରେ ଅଭାବକୁ ଦୃଷ୍ଟିରେ ରଖି ଜଳଭଣ୍ଡାରକୁ ପୂର୍ବ ପ୍ରସ୍ତାବିତ ଖଇରାଗୁଡ଼ା କିମ୍ବା କୁତ୍ରାଧର ନଦୀକୁ ବଡ଼ନାଳ ଜଳଭଣ୍ଡାର ସହ ସଂଯୋଗ କରିବା ପାଇଁ ଆତ୍ମା ଅଧକ୍ଷ ପ୍ରସ୍ତାବ ଦେଇଥିଲେ। ଜିଲା ପରିଷଦ ସଦସ୍ୟ ଏଥିରେ ସହମତି ପ୍ରକାଶ କରିଥିଲେ। ଏମ୍‌ପିଙ୍କ ପ୍ରତିନିଧି ରବିରତ୍ନ ଧାନ ଫସଲ ନ କରିବା ପାଇଁ ପ୍ରସ୍ତାବ ଦେବାସହ ଏହାଦ୍ୱାରା ଖରିଫ ଚାଷ ପାଇଁ ଜଳାଭାବ ଦୂର ହେବ ବୋଲି କହିଥିଲେ। ଅଗ୍ରଣୀ ଚାଷୀ ପ୍ରଭାକର ବାନାପିଲି ପ୍ରଥମ ପର୍ଯ୍ୟାୟରେ ତଳମୁଣ୍ଡ ପର୍ଯ୍ୟନ୍ତ ପାଣି ପହଞ୍ଚିବା ପରେ ପର୍ଯ୍ୟାୟକ୍ରମେ ନେବା ପରେ ଆଲୋଚନା କରିବା ପାଇଁ ପରାମର୍ଶ ଦେଇଥିଲେ। ଉପ ନିର୍ବାହୀ ଯନ୍ତ୍ରୀ ପାଣି ପଞ୍ଚାୟତ ସହ ସମନ୍ୱୟ ରଖି ଗଚ୍ଛିତ ଜଳ ଆବଣ୍ଟନ ଏବଂ ସ୍ଥଗିତ ଥିବା ପାଣି ପଞ୍ଚାୟତ ନିର୍ବାଚନ କରିବା ପାଇଁ ଘୋଷଣା କରିଥିଲେ।

## ବ୍ଲକର ଉନ୍ନୟନ କାର୍ଯ୍ୟ ବୁଝିଲେ ଜିଲା ପରିଷଦ ଅଧକ୍ଷ



ଟିକିରି,୨୯।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପରିଷଦ ଅଧକ୍ଷ ଗଙ୍ଗାଧର ପୁଆଲା ଗୁରୁବାର କାଶୀପୁର ବ୍ଲକ ଅଫିସକୁ ଯାଇ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏବିଡିଓ ବଳରାମ ପାତ୍ରଙ୍କୁ ଭେଟି ବ୍ଲକରେ ଚାଲିଥିବା ଉନ୍ନୟନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ବୈଠକରେ ପୂର୍ବତନ ମନ୍ତ୍ରୀ ଲାଲ୍‌ବିହାରୀ ହିମିରିକା ଏବଂ ବ୍ଲକ ଜିପିଓ ଡୁରୁଙ୍କ ସମେତ ଯନ୍ତ୍ରୀ ଏବଂ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବ୍ୟାଙ୍କରେ ନାହାନ୍ତି ମ୍ୟାନେଜର, ଗ୍ରାହକଙ୍କୁ ମିଳୁନି ସେବା

ନନ୍ଦାହାଣ୍ଡି,୨୯।୭(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ମୁଖ୍ୟାଳୟରେ ଗୋଟିଏ ବି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ନାହିଁ। ଏଠାରେ କେବଳ ଗୋଟିଏ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ରହିଛି। ଏହା ଉପରେ ନନ୍ଦାହାଣ୍ଡି ବ୍ଲକ ଏବଂ ନିକଟବର୍ତ୍ତୀ ତେନ୍ତୁଳିଖୁଣ୍ଟି ବ୍ଲକ ସୀମାର କିଛି ଗ୍ରାମର ଲୋକେ ନିର୍ଭରଶୀଳ। କିନ୍ତୁ ଏଠାରେ ବ୍ୟାଙ୍କ ମ୍ୟାନେଜର ନାହାନ୍ତି। ଫଳରେ ମ୍ୟାନେଜରଙ୍କ ଦ୍ୱାରା ତୁଲାଯାଉଥିବା ଅନେକ ସେବା ଗ୍ରାହକଙ୍କୁ ମିଳୁନାହିଁ। କରୋନା ମହାମାରୀ ଯୋଗୁ ସମସ୍ତଙ୍କର ଆଦାୟ ପନ୍ଥା ଏବେ ବନ୍ଦ। ସଞ୍ଚିତ ଟଙ୍କାରେ ଲୋକେ ପରିବାର ଭରଣପୋଷଣ କରୁଛନ୍ତି। ଏବେ ଚାଷ ସମୟ। ତେଣୁ ଋଣ ଏବଂ ଚାଷ ବୀମା କରିବା ପାଇଁ ଲୋକେ ବାଧ ହେଉଛନ୍ତି। ଚାଷୀମାନେ ସେ ସବୁପାଇଁ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଉପରେ ନିର୍ଭର କରନ୍ତି। କିନ୍ତୁ ବ୍ରାଞ୍ଚ ମ୍ୟାନେଜରଙ୍କ ଅନୁପସ୍ଥିତି ଯୋଗୁ ସେମାନଙ୍କୁ ବହୁ ସମସ୍ୟା ଭୋଗିବାକୁ ପଡୁଛି। ସେହିଭଳି ବ୍ଲକର ସମସ୍ତ ସ୍କୁଲର ଛାତ୍ରୀଛାତ୍ରଙ୍କ ଆକାଉଣ୍ଟ ଉକ୍ତ ବ୍ୟାଙ୍କରେ ରହିଛି। ତେଣୁ ସରକାରୀ ଯୋଜନା ଅନୁସାରେ ଆସୁଥିବା ସହାୟତା ରାଶି ପାଇବା ସେମାନଙ୍କ ପାଇଁ କଷ୍ଟସାଧ ହେଉଛି। ଜୁନ୍ ୩ରୁ ଶାଖା ପ୍ରବନ୍ଧକ ପଦବୀ ଖାଲି ଥିବାବେଳେ ବ୍ୟାଙ୍କରେ ଜଣେ କୋଷାଧ୍ୟକ୍ଷ ସମସ୍ତ କାର୍ଯ୍ୟ ତୁଲାଉଛନ୍ତି। କିନ୍ତୁ ମ୍ୟାନେଜରଙ୍କ ଅଧିକାର ଥିବା ବହୁ ଜରୁରୀ କାର୍ଯ୍ୟ ସେ କରିବା ପାଇଁ ଅସମର୍ଥ। ଲୋକଙ୍କ ଜରୁରୀ ବ୍ୟାଙ୍କ କାର୍ଯ୍ୟ ହେଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ଜନ ଅସନ୍ତୋଷ ଉଗ୍ର ରୂପ ନେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ପିଇଓ ମନମୁଖି କାର୍ଯ୍ୟ କରୁଥିବା ଅଭିଯୋଗ

କୋଡ଼ିଙ୍ଗା, ୨୯।୭(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ବି.ଏମ୍. ସେମଳା ପଞ୍ଚାୟତରେ ବିଭିନ୍ନ ସମସ୍ୟା ରହିଛି। ଏଥିସହ ପିଇଓ ମନମୁଖି କାର୍ଯ୍ୟ କରୁଛନ୍ତି ବୋଲି ୱାର୍ଡ ସଭ୍ୟାସଭ୍ୟଙ୍କ ପକ୍ଷରୁ ବିଡିଓଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ବ୍ଲକ ଜିପିଇଓ ତ୍ରିଲୋଚନ ଛଞ୍ଚାଣ ଦାବିପତ୍ର ଗ୍ରହଣ କରିଛନ୍ତି।

ପଞ୍ଚାୟତରେ ୫ମାସ ହେବ ବୈଠକ କରାଯାଉନାହିଁ। ବିନା ବୈଠକ ଓ ସଭ୍ୟାସଭ୍ୟଙ୍କ ସହ କୌଣସି ପ୍ରକାର ଆଲୋଚନା କରା ନ ଯାଇ ପଞ୍ଚାୟତ ଗୃହ, ବି.ଏମ୍. ସେମଳା-ବାକଟିଗୁଡ଼ା ରାସ୍ତା ମରାମତି ସହ ଡ୍ରେନ୍ ସଫେଇ କାମ ଚାଲିଛି। ସରପଞ୍ଚ ଏବଂ ପିଇଓ ୱାର୍ଡ ସଭ୍ୟାସଭ୍ୟଙ୍କୁ ଗୁରୁତ୍ୱ ନ ଦେଇ, ନ ଜଣାଇ ଏହି କାର୍ଯ୍ୟ କରୁଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଡିଆର୍‌ଡିଏରୁ ଟଙ୍କା ଆଣି ସମସ୍ତ କାର୍ଯ୍ୟ କରୁଥିବା ପିଇଓ କହୁଛନ୍ତି ବୋଲି ୱାର୍ଡ ସଭ୍ୟାସଭ୍ୟ କହିଛନ୍ତି। ଘଟଣାର ତଦନ୍ତକରି ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ପିଇଓ ମାନସ ରଞ୍ଜନ ପଣ୍ଡାଙ୍କୁ ପଚାରିବାରୁ ସମସ୍ତ ଅଭିଯୋଗ ଭିତ୍ତିହୀନ। ଉନ୍ନୟନମୂଳକ କାର୍ଯ୍ୟ ପଞ୍ଚାୟତିରାଜ ବିଭାଗ ନିୟମ ପ୍ରକାରେ କରାଯାଉଛି ବୋଲି ସେ କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ୱାର୍ଡ ସଭ୍ୟ ଘାସିରାମ ପୂଜାରୀ, ଶୋଭା ଭତରା, ଧନମୋତି ଜାନି, ଚିଖଇ ପୂଜାରୀ, ଆସମୋତି ଗଣ୍ଡା, ଜୟନ୍ତ ଦାସ, ଆଶାରା, ଶତପଥୀ ଭତରା, ଉର୍ମିଳା ଗୌଡ଼ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ

ରାମନାଗୁଡ଼ା,୨୯।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ର ଏବଂ ଡିଆର୍‌ଡିଏ ପିଡି ମହେଶ୍ୱର ଚନ୍ଦ୍ର ନାଏକ ବୁଧବାର ରାମନାଗୁଡ଼ା ବ୍ଲକ୍ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଶୁଖିଆମୁଣି ଗ୍ରାମକୁ ଯାଇ ସେଠାରେ ନବ ନିର୍ମିତ ମିଶନ ଶକ୍ତି ଗୃହ ପରିଦର୍ଶନ କରିଥିଲେ। ସେହିପରି ଏସ୍‌ଏଚ୍‌ଜି ସଦସ୍ୟାଙ୍କ ସହ ଜିଲାପାଳ ଆଲୋଚନା କରି ଦଳଗତ ଭାବେ ହଳଦୀ ଉତ୍ପାଦନ, ପ୍ରକ୍ରିୟାକରଣ କରି ବ୍ୟବସାୟ କରିବାକୁ ପରାମର୍ଶ ଦେଇଥିଲେ। ଏଥିନିମନ୍ତେ ଏକ ହଳଦୀ ଉତ୍ପାଦନ ଗୋଷ୍ଠୀ ଗଠନ କରିବା ନିମନ୍ତେ ବ୍ଲକ୍ ଓଏଲ୍‌ଏମ୍ ପ୍ରକଳ୍ପ ପରିଚାଳକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ବାଟପୁଲିସି ଗ୍ରାମର ମହିଳାମାନେ ଗାଁରେ ରହିଥିବା ପାନୀୟ ଜଳ ସମସ୍ୟା ନେଇ ଜିଲାପାଳଙ୍କୁ ଜଣାଇଥିଲେ। ୭ଦିନ ଭିତରେ ଗ୍ରାମକୁ ଏବଂ ଅଙ୍ଗନୱାଡି କେନ୍ଦ୍ରକୁ ଜଳ ଯୋଗାଣ କରିବା ନିମନ୍ତେ ଜିଲାପାଳ ସେଠାରେ ଉପସ୍ଥିତ ଥିବା ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସୌରଚାଳିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଶୀଘ୍ର ମରାମତି କରି କାର୍ଯ୍ୟକାରୀ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ ଅଙ୍ଗନୱାଡି କେନ୍ଦ୍ରରେ ଥିବା ପୃଷ୍ଟି ବଗିଚାର ପରିଦର୍ଶନ କରି ବିଭିନ୍ନ ପନିପରିବା ଉତ୍ପାଦନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଏହାପରେ ରାମନାଗୁଡା ସରକାରୀ ହାଇସ୍କୁଲରେ ନିର୍ମାଣାଧୀନ ସ୍ମାର୍ଟ ଶ୍ରେଣୀ ଗୃହର ଉନ୍ନୟନ କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା କରି ନିର୍ଦ୍ଧାରିତ ସମୟରେ କାମ ସାରିବାକୁ ବିଡିଓ, ସହକାରୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍କୁଲରେ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସହ ପାଠ୍ୟକ୍ରମ ବିଷୟରେ ଆଲୋଚନା ସହ କୋଭିଡ୍ ନିୟମ ପାଳିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଅକ୍ଟୋବର ୨ରୁ ଛାତ୍ରୀଛାତ୍ର ସ୍ମାର୍ଟ ଶ୍ରେଣୀ ଗୃହରେ ପଢ଼ିବାର ସୁଯୋଗ ପାଇବେ ବୋଲି କହିଥିଲେ। ସ୍ମାର୍ଟ ସ୍କୁଲ ନେଇ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ଯଥାସାଧ ସହଯୋଗ କରିବାକୁ କହିଥିଲେ। ଜିଲାପାଳଙ୍କ ଗସ୍ତବେଳେ ତହସିଲଦାର ଜୟଶ୍ରୀ ମଲ୍ଲିକ, ରାମନାଗୁଡ଼ା ବିଡିଓ ବେଣୁଧର ଶବର, ବ୍ଲକ ଅଧକ୍ଷା ରଜନୀ ମାଣ୍ଡାଙ୍ଗି, ସହକାରୀ ଯନ୍ତ୍ରୀ ପ୍ରମୋଦ ମିଶ୍ର, କନିଷ୍ଠ ଯନ୍ତ୍ରୀ ହିମାଂଶୁ ରଥଙ୍କ ସମେତ ବ୍ଲକର ସମସ୍ତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।



ଜିଲାପାଳ ସ୍କୁଲରେ ପିଲାଙ୍କ ସହ ଆଲୋଚନା କରୁଛନ୍ତି।

# ମଙ୍ଗଳ ବିଭାଗ ଅଧୀନ ବିଦ୍ୟାଳୟରେ ଶିକ୍ଷକ ଅଭାବ

■ ୨୧୧ ଶିକ୍ଷକ ନିଜ ମୂଳ ବିଦ୍ୟାଳୟକୁ ଫେରିଲେ
■ ଅନ୍ଧାରରେ ପିଲାଙ୍କ ଭବିଷ୍ୟତ

ରାୟଗଡ଼ା ଅଫିସ,୨୯।୭

ରାୟଗଡ଼ା ଜିଲାରେ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟରେ ଶିକ୍ଷକ ଅଭାବ। ଗଣଶିକ୍ଷା ବିଭାଗରେ ଚାକିରି ପାଇ ମଙ୍ଗଳ ବିଭାଗ ସ୍କୁଲରେ ଶିକ୍ଷାଦାନ କରୁଥିବା ୨୧୧ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ମୂଳ ବିଦ୍ୟାଳୟକୁ ଫେରାଇ ନିଆଯିବା ପରେ ମଙ୍ଗଳ ବିଭାଗ ସ୍କୁଲଗୁଡ଼ିକରେ ଶିକ୍ଷକଙ୍କ ଅଭାବ ଦେଖାଦେଇଛି। ଫଳରେ ଅନ୍ଧାର ମଧ୍ୟକୁ ଚାଲିଯାଇଛି ଜନଜାତି ଉନ୍ନୟନ ବିଭାଗ ଅଧୀନ ବିଦ୍ୟାଳୟରେ ପଢୁଥିବା ପିଲାଙ୍କ ଭବିଷ୍ୟତ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ପକ୍ଷରୁ ଚଳିତ ଶିକ୍ଷା ବର୍ଷରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଜୁଲାଇ ୨୬ରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଠପଢ଼ା ଅଫ୍‌ଲାଇନ୍‌ରେ ଆରମ୍ଭ ହୋଇଛି। ଅଗଷ୍ଟ ୧୬ରୁ ନବମ ଏବଂ ସଂକ୍ରମଣ ହ୍ରାସ ପରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ସ୍କୁଲ ମଧ୍ୟ ଖୋଲାବାକୁ ସରକାର ବିଚାର କରୁଛନ୍ତି। ହେଲେ ରାୟଗଡ଼ା ଜିଲାରେ ଜନଜାତି ଉନ୍ନୟନ ବିଭାଗ ଅଧୀନ ବିଦ୍ୟାଳୟଗୁଡ଼ିକର ୨୧୧ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଜୁଲାଇ ୨୩ରେ ଡିଇଓଙ୍କ ନିର୍ଦ୍ଦେଶରେ ମୂଳ ବିଦ୍ୟାଳୟକୁ ଫେରାଇ ନିଆଯାଇଛି। ଫଳରେ ଅନେକ ବିଦ୍ୟାଳୟରେ ଶିକ୍ଷକ ପଦ ଖାଲି ହୋଇଛି। ଜନଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ତଥା ଜିଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ୧୪୨ ବିଦ୍ୟାଳୟ ମଧ୍ୟରେ ପିତାମହଲ ଆଶ୍ରମ ବିଦ୍ୟାଳୟ ଅନ୍ତର୍ଭୁକ୍ତ। ଏହି ଆଶ୍ରମ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ୨୮୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଛନ୍ତି। ଏଠାରେ କଲ୍ୟାଣ ବିଭାଗରେ କାର୍ଯ୍ୟରତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବାଦ୍ ଦେଲେ ଆଉ ୫ଜଣ ଶିକ୍ଷକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ରହି ଏହି ବିଦ୍ୟାଳୟରେ ଦୀର୍ଘ ୧୦ବର୍ଷରୁ ଊର୍ଦ୍ଧ୍ୱ ବର୍ଷ ଧରି ଶିକ୍ଷାଦାନ କରୁଥିଲେ। ଏବେ ଡିଇଓଙ୍କ ନିର୍ଦ୍ଦେଶରେ ଏହି ୫ ଶିକ୍ଷକ ମଧ୍ୟ ନିଜ ମୂଳ ବିଦ୍ୟାଳୟକୁ ଫେରିଛନ୍ତି। ଜୁଲାଇ ୩୧ ରେ ପ୍ରଧାନ ଶିକ୍ଷୟିତ୍ରୀ ମଧ୍ୟ ଚାକିରିରୁ ଅବସର ନେବେ। ଏହାପରେ ବିଦ୍ୟାଳୟଟି ଶିକ୍ଷକ ଶୂନ୍ୟ ହୋଇଯିବ। ରାୟଗଡ଼ା ଜିଲା ମଙ୍ଗଳ ବିଭାଗ ଅଧୀନ ଅନେକ ସେବାଶ୍ରମ, ଆଶ୍ରମ ଓ ଉଚ୍ଚ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷୟତ୍ରୀ, ଶିକ୍ଷକଙ୍କ ପଦବୀ ଖାଲିପଡ଼ିଛି। ଜିଲାର ୫୮ ସେବାଶ୍ରମ, ୩୪ ଆଶ୍ରମ ଓ ୪୪ ଉଚ୍ଚ ବିଦ୍ୟାଳୟରେ ୬୪୦ ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀ ରହିଥିବାବେଳେ ଉଚ୍ଚ ବିଦ୍ୟାଳୟରେ ୫୨୮ଶିକ୍ଷକଙ୍କ ମଧ୍ୟରୁ ୪୮୨ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ବଳକା ପଦବୀ ଖାଲି ପଡ଼ିଛି। ଅପରପକ୍ଷେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷକମାନଙ୍କୁ ନିଜ ବିଦ୍ୟାଳୟରେ ଥଇଥାନ କରାଯାଇଥିବା ବେଳେ ଏସ୍‌ଏସ୍‌ଡି ବିଭାଗର ବଡ଼ ରାଇସିଂ ଆଶ୍ରମ ବିଦ୍ୟାଳୟ, କୁମ୍ଭିକୋଟା ଆଶ୍ରମ ବିଦ୍ୟାଳୟ, ଜାପାଖାଲ ଆଶ୍ରମ ବିଦ୍ୟାଳୟ, ଭାକୁରଗୁଡ଼ା ଆଶ୍ରମ ବିଦ୍ୟାଳୟ ଭଳି ଅନେକ ବିଦ୍ୟାଳୟ ଗୁଡ଼ିକରେ ମଞ୍ଜୁରୀ ପଦବୀ ପୂରଣ ନ ହୋଇ ମାତ୍ର ଜଣେ ଦୁଇଜଣ ଶିକ୍ଷକ ରହିଥିବା ଜଣାପଡ଼ିଛି। ଏ ନେଇ ଜିଲା ମଙ୍ଗଳ ଅଧିକାରୀ ଅଶୋକ ଶତପଥୀଙ୍କୁ ପଚାରିବାରୁ ସେ କହିଛନ୍ତି, ଅଗାମୀ ଦିନରେ ପିତମହଲ ଆଶ୍ରମ ବିଦ୍ୟାଳୟରେ ୩ ଶିକ୍ଷକଙ୍କୁ ନିଯୁକ୍ତି ମିଳିବ। ଏଥିସହ ଜିଲାରେ ମଙ୍ଗଳ ବିଭାଗ ଅଧୀନ ୬୦ ଶିକ୍ଷକଙ୍କୁ ଖାଲି ପଡ଼ିଥିବା ପଦବୀରେ ନିଯୁକ୍ତି ପ୍ରଦାନ କରାଯିବା ସହ ଶିକ୍ଷକ ଅଭାବ ସମସ୍ୟା ସମାଧାନ ହେବ ବୋଲି ସେ କହିଛନ୍ତି।

## ଦୁର୍ଘଟଣାରେ ତାଡ଼ମା ସରପଞ୍ଚ ଗୁରୁତର

ରାୟଗଡ଼ା ଅଫିସ-ବାଇକ୍ ଧକ୍କାରେ ରାୟଗଡ଼ା ବ୍ଲକ ତାଡ଼ମା ପଞ୍ଚାୟତର ସରପଞ୍ଚ ସୁରେନ୍ଦ୍ର ମେଲେକା ଗୁରୁତର ହୋଇଛନ୍ତି। ୩୨୬ ନମ୍ବର ଜାତୀୟ ରାଜପଥର କୋରାପୁଟ ଛକଠାରେ ଘଟିଛି। ସୂଚନା ଅନୁଯାୟୀ ସୁରେନ୍ଦ୍ର ବାଇକ୍ ଯୋଗେ ତାଡ଼ମାରୁ ରାୟଗଡ଼ା ଆସିବା ସମୟରେ ଅନ୍ୟ ଏକ ବାଇକ୍ ସହ ତାଙ୍କର ଦୁର୍ଘଟଣା ଘଟିଥିଲା। ଏଥିରେ ସରପଞ୍ଚଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଖବର ପାଇ ପୋଲିସ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି।

## ସଂକ୍ଷେପରେ

### କୋରାପୁଟ ଜିଲାରେ ୩୧୮.୧୮ ମି.ମି. ବର୍ଷା

କୋରାପୁଟ,୨୯।୭(ସ୍ୱ.ପ୍ର.)- କୋରାପୁଟ ଜିଲାରେ ଗୁରୁବାର ୩୧୮.୧୮ ମିମି ବର୍ଷା ହୋଇଛି। ଜିଲାର ଲମତାପୁଟ ବ୍ଲକରେ ୪୮.୨ ମିମି ବର୍ଷା ହୋଇଥିବାବେଳେ ସେମିଳିଗୁଡା ବ୍ଲକରେ ୪୮ ମିମି, କୋରାପୁଟ ବ୍ଲକରେ ୩୧ ମିମି, ବୈପାରିଗୁଡା ବ୍ଲକରେ ୩୧ ମିମି, ନାରାୟଣପାଟଣା ବ୍ଲକରେ ୨୮.୬ ମିମି, ଜୟପୁର ବ୍ଲକରେ ୨୫.୬ ମିମି, ଲକ୍ଷ୍ମୀପୁର ବ୍ଲକରେ ୨୩ ମିମି, ପଟ୍ଟାଙ୍ଗି ବ୍ଲକରେ ୨୦ ମିମି, ଦଶମନ୍ତପୁର ବ୍ଲକରେ ୧୫ ମିମି, ବନ୍ଧୁଗାଁ ବ୍ଲକରେ ୧୪ ମିମି, କୁନ୍ଦୁରା ବ୍ଲକରେ ୧୧.୬ ମିମି, ନନ୍ଦପୁର ବ୍ଲକରେ ୯.୪ ମିମି, କୋଟପାଡ ବ୍ଲକରେ ୭ ମିମି, ବୋରିଗୁମ୍ମା ବ୍ଲକରେ ୬.୪ ମିମି ବର୍ଷା ହୋଇଥିବା ଜଣାପଡିଛି।

### ୪ କରୋନା ଆକ୍ରାନ୍ତ ଚିହ୍ନଟ

କୋରାପୁଟ,୨୯।୭(ସ୍ୱ.ପ୍ର.)-କୋରାପୁଟ ଜିଲାରେ ଗୁରୁବାର ୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ମହିଳା ଏବଂ ୩ ପୁରୁଷ ରହିଛନ୍ତି। ଚିହ୍ନଟଙ୍କ ମଧ୍ୟରେ କୋରାପୁଟ ପୌରାଞ୍ଚଳରୁ ଜଣେ, ସୁନାବେଡ଼ା ପୌରାଞ୍ଚଳରୁ ଜଣେ, ବନ୍ଧୁଗାଁ ବ୍ଲକ ଓ କୋରାପୁଟ ବ୍ଲକରୁ ଜଣେ ଲେଖାଏ ରହିଥିବା ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ୧୬୫ଟି ସକ୍ରିୟ ମାମଲା ରହିଛି। ଜିଲାରେ ମୃତ୍ୟୁ ସଂଖ୍ୟା ୭୧ ରହିଛି। ଗୁରୁବାର ସୁଦ୍ଧା ଜିଲାରେ ୫ ଲକ୍ଷ ୨ ହଜାର ୧୧୬ ଜଣ କରୋନା ଟିକା ନେଇ ସାରିଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ସାମ୍ବାଦିକ ସମନ୍ୱୟ କମିଟି ଗଠିତ

ମାଲକାନଗିରି,୨୯।୭(ଡି.ଏନ.ଏ.)- ମାଲକାନଗିରି ଜିଲାରେ ସମସ୍ତ ଖବରଦାତାଙ୍କୁ ନେଇ ଗୁରୁବାର ଏକ ସମନ୍ୱୟ କମିଟି ଗଠନ ହୋଇଛି। ଜିଲାରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଉପରେ ବିଭିନ୍ନ ସମୟରେ ଆକ୍ରମଣ ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି। ରାଜ୍ୟ ସରକାର ମଧ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବାରେ ଅବହେଳା କରୁଛନ୍ତି। ଏ ଦିଗରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ବରିଷ୍ଠ ଖବରଦାତାମାନଙ୍କୁ ନେଇ ସମନ୍ୱୟ କମିଟି ଗଠିତ ହୋଇଛି। ଏଥିରେ ସର୍ବସମ୍ମତିକ୍ରମେ ରତ୍ନାକର ଦାସ ଅଧ୍ୟକ୍ଷ, ମିଲୁ ପଟ୍ଟନାୟକ ଉପାଧ୍ୟକ୍ଷ, ଦୁର୍ଯ୍ୟୋଧନ ପାତ୍ର ସମ୍ପାଦକ, ଅଶୋକ ମିଶ୍ର ସହ ସମ୍ପାଦକ, ରିତ୍ ଶାହା ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ ଜିଲାରେ କାର୍ଯ୍ୟରତ ସମସ୍ତ ଖବରଦାତାଙ୍କୁ ନେଇ ଏହି କମିଟିର ରୂପରେଖ ପ୍ରସ୍ତୁତ କରାଯିବ। ଖବରଦାତାମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲା ପ୍ରଶାସନ ଓ ସରକାରଙ୍କୁ ଅବଗତ କରାଯାଇ ଦାବି ପୂରଣ ଦିଗରେ ଉଦ୍ୟମ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାନନ ଦାସ, ତ୍ରିଲୋଚନ ଦାସ, ସତ୍ୟନାରାୟଣ ଦାସ, ଶ୍ରୀନିବାସ ପାତ୍ର , ମନୋଜ ମହାନ୍ତି , ଅପୂର୍ବ ଥଣ୍ଡର, ସୋନୁ ଅନୁଗୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଗୋଷ୍ଠୀ ଶୌଚାଳୟ କାର୍ଯ୍ୟକ୍ଷମ ଦାବି

ଜୟପୁର, ୨୯।୭ (ନି.ପ୍ର.)-ଜୟପୁର ଜୟନଗରସ୍ଥିତ ଗୋଷ୍ଠୀ ଶୌଚାଳୟ ନିର୍ମାଣ କାର୍ଯ୍ୟ ୬ ମାସ ହେଲା ସରିଥିଲେ ମଧ ଏଠାରେ ବିଦ୍ୟୁତ୍ ଓ ଜଳ ଯୋଗାଣ ବ୍ୟବସ୍ଥା ହୋଇ ନ ଥିବାରୁ ଏଯାଏ ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ତୁରନ୍ତ ଏହାକୁ ଲୋକାର୍ପଣ କରିବା ଦାବିରେ ଗୁରୁବାର ପବ୍ଲିକ ରାଉଟ୍ସ ଆସୋସିଏଶନ ପକ୍ଷରୁ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଉପ ଜିଲାପାଳଙ୍କ ଅନୁପସ୍ଥିତରେ ଆସିଷ୍ଟାଣ୍ଟ କଲେକ୍ଟର ରାଜେନ୍ଦ୍ର ଖରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆସୋସିଏଶନର ଅବିଭକ୍ତ କୋରାପୁଟ ଜିଲା ସଭାପତି ଦେବେନ୍ଦ୍ର ବାହିନୀପତି ଏହାର ନେତୃତ୍ୱ ନେଇଥିଲେ। ସହରରେ ବସବାସ କରୁଥିବା ଅନେକ ହିତାଧିକାରୀ ବାରମ୍ବାର ଆବେଦନ କରି ଭତ୍ତା ନ ପାଇବା, ଯୋଗ୍ୟ ହିତାଧିକାରୀ ଏଥିରୁ ବାଦ୍ ପଡିବା, ଖରାପ ହୋଇପଡିଥିବା ରାସ୍ତାଘାଟ ଦୀର୍ଘଦିନ ହେଲା ନିର୍ମାଣ ନ କରିବା, ଅନାବଶ୍ୟକ କାର୍ଯ୍ୟରେ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ବିକ୍ଷୋଭରେ ଜୟନଗର ବାସିନ୍ଦାଙ୍କ ସହ ଆସୋସିଏଶନର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ।

# ଭିଟାମିନ୍‌ଯୁକ୍ତ ଚାଉଳ ବଣ୍ଟନ ବ୍ୟବସ୍ଥାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ମାଲକାନଗିରି, ୨୯।୭(ଡି.ଏନ.ଏ.)


ଜଣେ ହିତାଧିକାରୀଙ୍କୁ ଚାଉଳ ଦିଆଯାଉଛି।

**ଅପପୁଷ୍ଟି ରୋକିବାକୁ ପ୍ରୟାସ**
- ଭିଟାମିନ୍ ବି ୧୨, ଫଲିକ୍ ଏସିଡ୍‌ର ମିଶ୍ରଣ ହୋଇଛି
- ଜିଲାର ୨୭ ରାଇସ୍ ମିଲ୍ ପ୍ରସ୍ତୁତ କରୁଛନ୍ତି ଏହି ଚାଉଳ
- ପୁଷ୍ଟିହୀନତା ସହ ରକ୍ତହୀନତା ଦୂର କରିବ

ଦେଶରେ ଅପପୁଷ୍ଟି ଓ ରକ୍ତହିନତାକୁ ଦୂର ପାଇଁ ନୀତି ଆୟୋଗ ପକ୍ଷରୁ ଦେଶରେ ୧୫ଟି ଜିଲାରେ ପୁଷ୍ଟିକର ଚାଉଳ ଯୋଗାଇ ଦେବାକୁ ନିଷ୍ପତି ହୋଇଥିଲା। ସେହିକ୍ରମରେ ଗୁରୁବାର ମାଲକାନଗିରି ଜିଲାରେ ଲୋକଙ୍କୁ ପୁଷ୍ଟିକର ଚାଉଳ ଯୋଗାଣ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟରେ ଏହାକୁ ସରକାର ପାଇଲଟ୍ ପ୍ରଜେକ୍ଟ ଭାବେ ଗ୍ରହଣ କରିଛନ୍ତି। ମାଲକାନଗିରି ଜିଲାରେ ଶିଶୁ, ଗର୍ଭବତୀ ମହିଳାଙ୍କ ସମେତ ଅନେକ ବ୍ୟକ୍ତି ଅପପୁଷ୍ଟିର ଶିକାର ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ହିତାଧିକାରୀଙ୍କୁ ଭିଟାମିନ୍ ଯୁକ୍ତ ଚାଉଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ବ୍ୟବସ୍ଥାକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲକାନଗିରି ଜିଲାର ଭାଟିସାଲ୍‌ଗୁଡାରେ ଭିଟାମିନ୍ ଯୁକ୍ତ ଚାଉଳ ବଣ୍ଟନ କାର୍ଯ୍ୟକ୍ରମକୁ ଭିଡିଓ କନଫରେନ୍ସ ମାଧ୍ୟମରେ ଆରମ୍ଭ କରିଛନ୍ତି। ଏହା ଦ୍ୱାରା ଜିଲାରେ ୧ ଲକ୍ଷ ୫୭ ହଜାର ୮୩ ପରିବାରର ୫ ଲକ୍ଷ ୪୬ ହଜାର ୫୦୧ ହିତାଧିକାରୀ ଉପକୃତ ହେବେ । ଜିଲାର ୧୧୭ଟି ସୁଲଭ ମୂଲ୍ୟ ଖାଉଟି ସାମଗ୍ରୀ ଦୋକାନ ମାଧ୍ୟମରେ ଏହା ଉପଲବ୍ଧ ହେବ। ଏହି ସ୍ୱତନ୍ତ୍ର ଚାଉଳ ପ୍ରସ୍ତୁତ ପାଇଁ ଜିଲାର ୨୭ଟି ରାଇସ୍ ମିଲ୍‌କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ପୁଷ୍ଟିକର ଚାଉଳରେ ଭିଟାମିନ୍ ବି ୧୨ ଓ ଫଲିକ୍ ଏସିଡ୍‌ର ମିଶ୍ରଣ କରାଯାଇଛି। ଫଳରେ ଏହା ପୁଷ୍ଟିହିନତା ଓ ରକ୍ତହିନତା ଦୂର କରିବାରେ ସହାୟକ ହେବ। କାର୍ଯ୍ୟକ୍ରମରେ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଜିଲା ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ଜିଲାପାଳ ବିଶାଳ ସିଂ, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଜିଲା ଯୋଗାଣ ଅଧିକାରୀ ଅଜୟ ରଥଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ଆଜିଠୁ ଅଫ୍‌ଲାଇନ ମାଟ୍ରିକ ପରୀକ୍ଷା

ଜୟପୁର, ୨୯।୭ (ନି.ପ୍ର.)

**ଅବିଭକ୍ତ କୋରାପୁଟ ଜିଲାରୁ ୮୦୫ ପରୀକ୍ଷାର୍ଥୀ**

ଶୁକ୍ରବାରଠାରୁ ଅଫ୍‌ଲାଇନରେ ମାଟ୍ରିକ ପରୀକ୍ଷା ହେବ । ଏନେଇ ଜୟପୁରସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ଜିଲାରେ ୧୩ଟି ପରୀକ୍ଷା କେନ୍ଦ୍ରରେ ୨୫୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ମାଲକାନଗିରି ଜିଲାରେ ୮ଟି କେନ୍ଦ୍ରରେ ୧୯୫, ନବରଙ୍ଗପୁର ଜିଲାରେ ୮ଟି ପରୀକ୍ଷା କେନ୍ଦ୍ର ରେ ୧୦୯ ଓ ରାୟଗଡା ଜିଲାରେ ୫ଟି କେନ୍ଦ୍ରରେ ୧୫୦ ପରୀକ୍ଷାର୍ଥୀ ପରୀକ୍ଷା ଦେବା ବ୍ୟବସ୍ଥା କରାଯାଇଛି । ଅବିଭକ୍ତ କୋରାପୁଟ ଜିଲାରେ ମୋଟ ୩୪ଟି କେନ୍ଦ୍ର ହୋଇଛି। ଏଥିରେ ମୋଟ ୮୦୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ବ୍ୟବସ୍ଥା ହୋଇଛି। ଏମାନଙ୍କ ମଧ୍ୟରେ ରେଗୁଲାର, ଏକ୍ସ-ରେଗୁଲାର, ସିସି ରେଗୁଲାର, ସିସି ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ରହିଛନ୍ତି। ଏହା ବ୍ୟତୀତ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନର ପରୀକ୍ଷାର୍ଥୀମାନେ ମଧ ପରୀକ୍ଷା ଦେବେ । ପ୍ରତ୍ୟହ ପୂର୍ବାହ୍ନ ୧୦ଟାରୁ ୧୨ଟା ଯାଏ ଅଗଷ୍ଟ ୩୦ରୁ ୫ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। କେବଳ ଗଣିତ ପରୀକ୍ଷା ଦିନ ପରୀକ୍ଷାର୍ଥୀଙ୍କୁ ଅଧିକ ୧୫ ମିନିଟ୍ ସମୟ ଦିଆଯିବ। ତେବେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ପରୀକ୍ଷା କେନ୍ଦ୍ରଗୁଡିକୁ ସାନିଟାଇଜ କରାଯାଇଥିବା ମାଧ୍ୟମିକ ଶିକ୍ଷା ପରିଷଦର ଭାରପ୍ରାପ୍ତ ଅଧିକାରୀ ସୁନାକର କାର୍ଜି କହିଛନ୍ତି।

# ଜିଲା ଶିକ୍ଷାଧିକାରୀଙ୍କୁ ଭେଟିଲେ ଶିକ୍ଷୟିତ୍ରୀ ଶିକ୍ଷକ

ମାଲକାନଗିରି,୨୯।୭ (ଡି.ଏନ.ଏ.)


ଶିକ୍ଷୟିତ୍ରୀଶିକ୍ଷକମାନେ ନୂତନ ଜିଲା ଶିକ୍ଷା ଅଧିକାରୀଙ୍କୁ ଭେଟୁଛନ୍ତି।

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଜିଲା ଶାଖା ସଭାପତି ରିତ୍ କୁମାର ନାୟକଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଗୁରୁବାର ନୂତନ ଜିଲା ଶିକ୍ଷା ଅଧିକାରୀ ମାନସ ଜେନାଙ୍କୁ ଭେଟିଥିଲେ। ଜିଲାରେ ରହିଥିବା ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ପୋଷାକ ବଣ୍ଟନ ଦାୟିତ୍ୱ ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଦାନ କରାଯାଇଥିବାରୁ ଛାତ୍ରୀଛାତ୍ରମାନେ ଠିକ୍ ସମୟରେ ପୋଷାକ ପାଇପାରୁ ନ ଥିବାରୁ ଏହି ଦାୟିତ୍ୱ ପୂର୍ବ ଭଳି ପରିଚାଳନା କମିଟିକୁ ଦେବା, ମଧ୍ୟାହ୍ନଭୋଜନର ଅର୍ଥ ପୈଠରେ ବ୍ୟାଙ୍କଗୁଡିକୁ ସାମିଲ କରାଯାଇଥିବାରୁ କେତେକ କ୍ଷେତ୍ରରେ ବୈଷୟିକ ତ୍ରୁଟି ଦେଖାଦେଉଥିବାରୁ ଏହି ଅର୍ଥ ପିଲାଙ୍କ ପାଖରେ ପହଞ୍ଚାଇବାରେ ସମସ୍ୟା ହେଉଥିବା ବ୍ୟାଙ୍କ ଦର୍ଶାଉଛି। ଫଳରେ ଏଯାଏ ୪ଶହ ଛାତ୍ରୀଛାତ୍ର ସେମାନଙ୍କ ଅର୍ଥ ପାଇନାହାନ୍ତି। ଏଣୁ ଏହି ଅର୍ଥ ପୂର୍ବପରି ପରିଚାଳନା କମିଟି ମାଧ୍ୟମରେ ପ୍ରଦାନ କରିବାକୁ ଶିକ୍ଷୟିତ୍ରୀଶିକ୍ଷକମାନେ ଦାବି କରିଥିଲେ। ଏହି ସମୟରେ ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁ , ଚିତ୍ତରଞ୍ଜନ ସରକାର, ସମୀର ଗୋପ, କେଶବ ଚନ୍ଦ୍ର ବେହେରା, ଜୟନ୍ତ ଶାହା, ପ୍ରଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ୟାଗୁଡିକ ସମାଧାନ ଦିଗରେ ସେ ଉଦ୍ୟମ କରିବେ ବୋଲି ନୂତନ ଜିଲା ଶିକ୍ଷା ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ।

## ଚାଷୀ ସଚେତନତା କାର୍ଯ୍ୟକ୍ରମ

ଏମ୍‌ଭି ୭୯,୨୯।୭(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ଲ୍ୟାମ୍ପ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ବୁଧବାର ଚାଷୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲ୍ୟାମ୍ପ ମାଧ୍ୟମରେ ଚାଷୀ ଯେପରି ସୁବିଧାରେ ଧାନ ବିକ୍ରି କରିପାରିବେ ସେନେଇ ସେମାନଙ୍କୁ ସଚେତନ କରାଯାଇଛି।

## ଗାଳ୍ପିକ ଅଶୋକଙ୍କୁ ସମ୍ବର୍ଦ୍ଧିତ କଲା ସାହିତ୍ୟ ଏକାଡେମୀ

ନବରଙ୍ଗପୁର,୨୯।୭(ବି.ପ୍ର.)

ଓଡ଼ିଶା ସାହିତ୍ୟ ଏକାଡେମୀର ଏକ ନିରାଡ଼ମ୍ବର ଭବ୍ୟ ସାହିତ୍ୟ ଉତ୍ସବ ଭୁବନେଶ୍ୱର ସାଂସ୍କୃତିକ ଭବନରେ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁରର ସୁନାମଧନ୍ୟ ଗାଳ୍ପିକ, ଗୀତିକାର, ନାଟ୍ୟକାର ଅଶୋକ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ତାଙ୍କ ସମେତ ଓଡ଼ିଶାର ୧୫ ଜଣ ସାଧକଙ୍କୁ



କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି। ଅଶୋକ ପଟ୍ଟନାୟକଙ୍କ ଗଳ୍ପ ସଙ୍କଳନ 'ଦେହାନ୍ତ ପରେ' ଓ ଅନ୍ୟ ଗୀତିକବିତା ସଙ୍କଳନ 'ତୁମ ସ୍ମୃତିଏକ ରଙ୍ଗିପ୍ରଜାପତି' ଅତିଶୀଘ୍ର ଇଙ୍କ୍‌ଡିଉ ପ୍ରକାଶନ ଦ୍ୱାରା ପ୍ରକାଶିତ ହେବାକୁ ଯାଉଛି। ଏକଦା ତାଙ୍କ ଗଳ୍ପ ସଙ୍କଳନ ତୁମ୍ମା ଓ ଅନ୍ୟ ଗଳ୍ପ ଓଡ଼ିଶାର ସମସ୍ତ ସ୍କୁଲ ପାଠାଗାରରେ ରହିଛି। ୧୯୮୧ରୁ ପ୍ରକାଶ ପାଉଥିବା ଓଡ଼ିଶାର ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା 'ସୀମାନ୍ତ'ର ସମ୍ପାଦକ ଭାବେ ତାଙ୍କ ବଳିଷ୍ଠ ପରିଚୟ ଅକ୍ଷୁଣ୍ଣ ରହିବା ସହ ନବରଙ୍ଗପୁର ମାଟିର ସାରସ୍ୱତ ଯାତ୍ରାକୁ ନୂତନ ଦିଶା ପ୍ରଦାନ କରିଛନ୍ତି। ଆକାଶବାଣୀ ଜୟପୁରର ସ୍ୱୀକୃତିପ୍ରାପ୍ତ ଗୀତିକାର ଭାବେ ୧୯୮୪ରୁ ସେ ଗୀତ ରଚନା କରି ଅସଂଖ୍ୟ କଣ୍ଠଶିଳ୍ପୀଙ୍କ ପ୍ରିୟଭାଜନ ହୋଇ ନିଜ ମାଟି ପାଇଁ ଗୌରବ ଆଣିଛନ୍ତି। ବେତାର ନାଟ୍ୟକାର ଭାବେ ଅଶୋକ ପଟ୍ଟନାୟକ ଖୁବ୍ ପରିଚିତ। ଗାଳ୍ପିକ , ନାଟ୍ୟକାର , ଗୀତିକାର ଅଶୋକ ପଟ୍ଟନାୟକଙ୍କୁ ସାହିତ୍ୟ ଏକାଡେମୀ ପକ୍ଷରୁ ଏକଲକ୍ଷ ଟଙ୍କା ସହ ମାନପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ , ସାହିତ୍ୟ ଏକାଡେମୀ ସଚିବ ପ୍ରବୋଧ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ୭ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ଜଣେ ଗିରଫ

କୁଡୁମୁଲୁଗୁମ୍ମା, ୨୯।୭(ଡି.ଏନ.ଏ.)


ଜବତ ଗଞ୍ଜେଇ ।

ଗଞ୍ଜେଇ ଚୋରାଚାଲାଣ ସୂଚନା ପାଇ ମାଲକାନଗିରି ଜିଲା ଖଇରପୁଟ ପୋଲିସ ଏହାକୁ ଧରିଛି। ମୁଦୁଲିପଡ଼ା ଥାନା ଅଞ୍ଚଳରେ ଗାଡ଼ିମୋଟର ଯାଞ୍ଚ ବେଳେ ଏକ ବୋଲେରୋ (ଓଡି୩୦ଆର୍-୩୮୬୫) ଓ ଏକ ବାଇକ୍ (ଓଡି୩୦ଆର୍ ବି-୨୩୭୨)କୁ ସନ୍ଦେହରେ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ଏଥିରୁ ୭ କୁଇଣ୍ଟାଲ ୨୦ କେଜି ଗଞ୍ଜେଇ ମିଳିଥିଲା। ଏହି ବୋଲେରୋ ବଣ୍ଡାଘାଟିର ଆଣ୍ଡ୍ରହାଲଠାରୁ ଖଇରପୁଟ ଅଭିମୁଖେ ଆସୁଥିଲା। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ଧୋବୁ ପାଙ୍ଗୀଙ୍କୁ ଗିରଫ କରାଯାଇଛି। କେସ୍ ନଂ. ୫୪/୨୧ରେ ଏକ ମାମଲା ରୁଜୁ ହୋଇଛି। ଚଢାଉରେ ମୁଦୁଲିପଡା ଥାନା ଅଧିକାରୀ କେକେ ବି. କହଁର, ତ୍ରିନାଥ ଗୌଡ, ସୀତାଂଶୁ ପାତ୍ର, ମାଧବ ଭୁବନ ଶଙ୍କର ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ବୁଧବାର ରାତିରେ ମାଲକାନଗିରି ଆଇଆଇସି ରାମ ପ୍ରସାଦ ନାଗଙ୍କ ନେତୃତ୍ୱରେ ମାଲକାନଗିରି-ସୁକୁମା ମୁଖ୍ୟ ରାସ୍ତା ଚାଲାଣଗୁଡାଠାରୁ ଗାଡିମୋଟର ଯାଞ୍ଚ ବେଳେ ୪୨ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି।

# ଅଭିଯୋଗକାରୀଙ୍କ ସହ ଆଲୋଚନା କଲେ ଅଧିକାରୀ

ଉମରକୋଟ, ୨୯।୭(ସ୍ୱ.ପ୍ର.)

**ସାର ସମସ୍ୟା ନେଇ ଚିଠି କରିଥିଲେ ଚାଷୀ**

ସାର ଚଢା ଦରରେ ବିକ୍ରି ହେଉଥିବା ଅଭିଯୋଗ ପାଇବା ପରେ ଗୁରୁବାର ଅଧିକାରୀମାନେ ଉମରକୋଟରେ ପହଞ୍ଚି ଥିଲେ। ସେମାନେ ଅଭିଯୋଗକାରୀଙ୍କ ଘରେ ପହଞ୍ଚି ତାଙ୍କ ସହ ଆଲୋଚନା କରିଥିଲେ। ଅଭିଯୋଗକାରୀ ଦେଇଥିବା ପ୍ରସ୍ତାବଗୁଡିକ ସମ୍ପର୍କରେ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ।

ୟୁରିଆ ସାରର ଅଭାବୀ ବିକ୍ରି ଓ କଳା ବଜାରୀ କରାଯାଉଥିବା ନେଇ ମୂର୍ତ୍ତୁମା ଗ୍ରାମର ଚାଷୀ ମୃଦୁଳକାନ୍ତି ମଣ୍ଡଳ ମୁଖ୍ୟମନ୍ତ୍ରୀ ଓ ନବରଙ୍ଗପୁର ଜିଲାପାଳଙ୍କୁ ଗତ ୧୫ ତାରିଖରେ ଡାକ ମାଧ୍ୟମରେ ଏକ ଚିଠି ପଠାଇଥିଲେ। ଉକ୍ତ ପତ୍ରରେ ଥିବା ଅଭିଯୋଗ ଭିତ୍ତି କରି ପ୍ରଶାସନ ପକ୍ଷରୁ ଅଧିକାରୀମାନେ ତଦନ୍ତ କରିବାକୁ ଆସିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ସତ୍ୟ ପ୍ରସାଦ ସାମନ୍ତରାୟ, ବ୍ଲକ କୃଷି ଅଧିକାରୀ ବିଧୁ ଭୂଷଣ ମହାକୁଲ, ସହକାରୀ କୃଷି ଅଧିକାରୀ ସୁଧେସ୍ନା ଧଳ, କେଦାର ବିସୋଇ, ବିଟିଏମ୍ ସୁରେନ୍ଦ୍ର ବୁଦେଲା, ଏଏଟିଏମ୍ ଆଶୁତୋଷ ପଟ୍ଟନାୟକ ମୂର୍ତ୍ତୁମା ଯାଇ ମୃଦୁଳଙ୍କ ଘରେ ପହଞ୍ଚି ଥିଲେ। ପର୍ଯ୍ୟାପ୍ତ ପରିମାଣର ସାର ଆସୁନି। ସରକାରୀ ମୂଲ୍ୟର ଦ୍ୱିଗୁଣ ଅଧିକରେ ବିକ୍ରି କରାଯାଉଛି ବୋଲି ସେ ଅଧିକାରୀମାନଙ୍କୁ କହିଥିଲେ। ଆର୍‌ସିଏମ୍‌ଏସ୍ ଓ ଲ୍ୟାମ୍ପସର ଗୋଦାମ ଗୃହ ଛୋଟ। ଏଥିରେ ସେମାନେ ଅଧିକ ପରିମାଣରେ ସାର ମହଜୁଦ ରଖି ପାରନ୍ତି ନାହିଁ। ତେଣୁ ଫେଡେରେଶନ ଓ ଟିଡିସିସି ମାଧ୍ୟମରେ ଚାଷୀଙ୍କୁ ସାର ବିକ୍ରି ପାଇଁ ଅନୁମତି ଦିଆଯାଉ। ଦୋକାନୀ ଯେଉଁ ଦର ଖାତାରେ ଉଲ୍ଲେଖ କରୁଛନ୍ତି ତାହାକୁ ଦୋକାନ ବାହାର ବୋର୍ଡ ଲଗାଇବାକୁ ମୃଦୁଳ ଅଧିକାରୀଙ୍କୁ ନିବେଦନ କରିଥିଲେ। ରାଜ୍ୟ ସରକାର ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇ ଦିଅନ୍ତୁ ବୋଲି ସେ କହିଛନ୍ତି। ଜିଲାପାଳ, ରାଜ୍ୟ ସରାକାରଙ୍କ ଏସବୁ ପ୍ରସ୍ତାବ ସମ୍ପର୍କରେ ଅବଗତ କରାଇବେ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ।



ଅଧିକାରୀମାନେ ମୃଦୁଳକାନ୍ତିଙ୍କ ସହ ଆଲୋଚନା କରୁଛନ୍ତି।

# ଗଣମାଧ୍ୟମ ପ୍ରତିନିଧିଙ୍କୁ ମାଓବାଦୀ ସମର୍ଥକଙ୍କ ଦୁର୍ବ୍ୟବହାର ଅଭିଯୋଗ

ମାଲାକନଗିରି,୨୯।୭(ଡି.ଏନ.ଏ.)

ମାଓବାଦୀ ସମର୍ଥକଙ୍କ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ହୋଇଛି। ସବୁ ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ ମାଓବାଦୀଙ୍କ ମଧ୍ୟସ୍ଥିର ଭୂମିକା ତୁଲାଇଥାନ୍ତି। ସେମାନଙ୍କ ଯେକୌଣସି ଖବରକୁ ପ୍ରକାଶ କରି ସରକାର ଓ ପ୍ରଶାସନର ଦୃଷ୍ଟିକୁ ଆଣିଥାନ୍ତି। ବୁଧବାର ମାଲକାନଗିରି ଜିଲାରେ ଶହୀଦ ସପ୍ତାହର ପ୍ରଥମ ଦିନରେ ସାଭିମାନ ଅଞ୍ଚଳର ସୀମାନ୍ତ କୁସୁମପୁଟଠାରେ ସ୍ଥାନୀୟ ଲୋକେ ଶହୀଦ ସ୍ତୁପ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମାଓବାଦୀ ସମର୍ଥକମାନେ ଗଣମାଧ୍ୟମ ପ୍ରତିନିଧିଙ୍କୁ ନିମନ୍ତ୍ରଣ କରିଥିଲେ। ମାତ୍ର ସେମାନେ ସେଠାରେ ପହଞ୍ଚିବା ପରେ ସଙ୍ଗଠନର ମିଲିସିଆ ସଦସ୍ୟମାନେ ସମ୍ପୃକ୍ତ ଖବରଦାତାମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ସେମାନଙ୍କୁ ପୋଲିସ ସୂଚନାଦାତା କହି ସଭାସ୍ଥଳିକୁ ଯିବାକୁ ଦେଇ ନ ଥିଲେ। ଦୀର୍ଘ ସମୟ ଧରି ସେମାନଙ୍କୁ ସେଠାରେ ଅପେକ୍ଷା କରିବାକୁ କହି ଅପମାନିତ କରାଯାଇଥିଲା। ଖବରଦାତାଙ୍କୁ ଏପରି ଦୁର୍ବ୍ୟବହାର ନେଇ ମାଲାକନଗିରି ଜିଲାର ବିଭିନ୍ନ ସାମ୍ବାଦିକ ସଂଘ ପକ୍ଷରୁ ନିନ୍ଦା କରାଯାଇଛି।

## ଚାରା ଲଗାଇଲା ଗାୟତ୍ରୀ ପରିବାର

ଉମରକୋଟ, ୨୯।୭(ସ୍ୱ.ପ୍ର.)

ଗାୟତ୍ରୀ ପରିବାର ପକ୍ଷରୁ ଉମରକୋଟ ବ୍ଲକ ଭାମିନି ପଞ୍ଚାୟତ ଅଧୀନ ବାଟିବେଡ଼ା ଗ୍ରାମରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ କିସମର ୫୦୦ ଚାରା ଲଗାଯାଇଥିଲା। ମୁଖ୍ୟ ଅତିଥିଭାବେ ଉମରକୋଟ ଥାନାଧିକାରୀ ନରେଶ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଉମରକୋଟ ଥାନା ସେକେଣ୍ଡ ଅଫିସର କୁଳଭୂଷଣ ନାୟକଙ୍କ ସମେତ ଗାୟତ୍ରୀ ପରିବାରରୁ ରଜତ ଷଡ଼ଙ୍ଗୀ, ମନୋଜ କୁମାର ପଟ୍ଟନାୟକ, ଦୁରୁସାଇ ନାୟକ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯିବାପରେ ଚାରା ରୋପଣ କରାଯାଇଥିଲା।

# ବିହାରରୁ ଆସି ଓଡ଼ିଶାରେ ଠକିବା ମହଙ୍ଗା ପଡ଼ିଲା

ଏମ୍‌ଭି ୭୯,୨୯।୭(ଡି.ଏନ.ଏ.)

**ସୁନା ଅଳଙ୍କାରରେ ବିଭିନ୍ନ ଡିଜାଇନ କରିଦେବାକୁ କହି ଠକୁଥିଲେ**

ବିହାରରୁ ଆସି ବିଭିନ୍ନ ଗ୍ରାମ ବୁଲି ସୁନା ଅଳଙ୍କାର ସଫେଇ ଆଳରେ ଲୋକଙ୍କୁ ଠକୁଥିବା ଏକ ଗ୍ୟାଙ୍ଗକୁ ଧରି ଗୁରୁବାର ଗ୍ରାମବାସୀ ପୋଲିସ ଜିମା ଦେଇଛନ୍ତି। ଏହି ଗ୍ୟାଙ୍ଗ୍ ଲୋକଙ୍କୁ ସେମାନଙ୍କ ସୁନା ଅଳଙ୍କାରରେ ବିଭିନ୍ନ ଡିଜାଇନ କରିଦେବାକୁ ପ୍ରଲୋଭନ ଦେଖାଇ ଠକୁଥିଲେ। ଗ୍ୟାଙ୍ଗରେ ୧୭ ଜଣ ରହିଥିବା ଜଣାପଡ଼ିଛି। ସେମାନେ ଲୋକଙ୍କ ଅସଲି ସୁନା ବଦଳରେ ପିତ୍ତଳ ମିଶାଇ ଡିଜାଇନ କରି ଟଙ୍କା ନେଇ ଚମ୍ପଟ ମାରୁଥିଲେ। ଏମ୍‌ଭି-୪୭ ଗ୍ରାମର ବିପ୍ଲବ ସିକଦାର ଓ ଏମ୍‌ପିଭି-୪୬ ଗ୍ରାମର ରାଖୀ ବାରୋଇ ଏହି ଗ୍ୟାଙ୍ଗ୍ ଦ୍ୱାରା ତିଆରି କରିଥିବା ସୁନାକୁ ବଣିଆ ପାଖରେ ଦେଖାଇବାରୁ ଏହା ସମ୍ପୂର୍ଣ୍ଣ ପିତ୍ତଳରେ ନିର୍ମିତ ବୋଲି ଜଣାପଡ଼ିଥିଲା। ପରେ ଅଞ୍ଚଳବାସୀ ସେମାନଙ୍କୁ ଖୋଜାଖୋଜି କରି ପୋଲିସ ଜିମା ଦେଇଥିଲେ। ପୋଲିସ ଜିମାରେ ଥିବା ଗ୍ୟାଙ୍ଗ୍ ସଦସ୍ୟମାନେ ହେଲେ ଅମ୍ରି ଶାହ, ଭିକି ଶାହ, ଗର୍ଭା ଶାହ, ହରେନ୍ଦ୍ର ଶା, ସର୍ବନ ଶା, ମୁକେଶ ଶା, ଓମ୍‌ପ୍ରକାଶ ସୋନି, ଜଗନ୍ନାଥ ଶା, ରମେଶ ଶା, ଶମ୍ଭୁ ଶା, ରଞ୍ଜିତ କୁମାର, ପ୍ରମୋଦ ଶା, ନନ୍ଦ କିଶୋର ଶା, ରଞ୍ଜନ ଶା, ଜୟପ୍ରକାଶ କୁମାର, ରମ୍ଭୁ କୁମାର, ଲାଲବାବୁ କୁମାର।

# କୋରାପୁଟ: ନୂତନ ରେଳପଥ ପ୍ରକଳ୍ପ ବିଶେଷଜ୍ଞ କମିଟି ବୈଠକ

କୋରାପୁଟ,୨୯।୭(ସ୍ୱ.ପ୍ର.)


ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

କୋରାପୁଟ ଜିଲାର ଜୟପୁରଠାରୁ ମାଲକାନଗିରି ଓ ଜୟପୁରଠାରୁ ନବରଙ୍ଗପୁର ପର୍ଯ୍ୟନ୍ତ ରେଳପଥ ନିର୍ମାଣ ନେଇ ଗୁରୁବାର ରେଳପଥ ପ୍ରକଳ୍ପ ବିଶେଷଜ୍ଞ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ତଥା କୋରାପୁଟ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ସାମାଜିକ ଆକଳନ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଜୟପୁରଠାରୁ ମାଲକାନଗିରି ପର୍ଯ୍ୟନ୍ତ ନୂତନ ପ୍ରଶସ୍ତ ରେଳପଥ ନିର୍ମାଣ ନେଇ ୨୦୧୮ରେ କେନ୍ଦ୍ର କ୍ୟାବିନେଟ ଆର୍ଥିକ ବ୍ୟାପାର କମିଟି ଅନୁମୋଦନ କରିଥିଲା। ଏହି ରେଳପଥ ପ୍ରକଳ୍ପ ପାଇଁ ବର୍ତ୍ତମାନ ସୁଦ୍ଧା ୨୭ କି.ମି. ସର୍ଭେ ଶେଷ ହୋଇଛି। ୧୦ କି.ମି. ସର୍ଭେ କାମ ଆସନ୍ତା ୧୫ ଦିନ ମଧ୍ୟରେ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସାମାଜିକ ଆକଳନ ସମୟରେ ଯେଉଁ ଅଭିଯୋଗ ଆସିଥିଲା ତାହାର ତଦନ୍ତ ତହସିଲଦାରମାନେ କରିଛନ୍ତି। ଜୟପୁରଠାରୁ ନବରଙ୍ଗପୁର ପର୍ଯ୍ୟନ୍ତ ରେଳପଥର ସର୍ଭେ କାର୍ଯ୍ୟ ହୋଇଛି । ବୋରିଗୁମ୍ମା ଟାଉନ ମଧ୍ୟରେ ରେଳଲାଇନ ଯାଉଥିବାରୁ ସ୍ଥାନୀୟ ଲୋକେ ଆପତ୍ତି ଉଠାଇଥିଲେ । ଏଥିପାଇଁ ୨ କି.ମି. ପୁନଃ ନକ୍ସା ପ୍ରସ୍ତୁତ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ତାହାକୁ ରେଳବାଇ କର୍ତ୍ତୃପକ୍ଷ ଗ୍ରହଣ କରିଛନ୍ତି। ଏନେଇ ଆଉଥରେ ସର୍ଭେ କରାଯିବ। ବୈଠକରେ ଜୟପୁର ଉପଜିଲାପାଳ ତଥା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ହେମକାନ୍ତ ସାଏ, ସଦସ୍ୟ ଗଦାଧର ପରିଡ଼ା, କୃଷ୍ଣ ସିଂ, ସୁଧାକର ପଟ୍ଟନାୟକ, କୁନ୍ଦୁରା ତହସିଲଦାର ଏ.ମଣ୍ଡଳ, ବୈପାରିଗୁଡ଼ା ତହସିଲଦାର କୈଳାସ ତ୍ରିପାଠୀ, ଜୟପୁର ତହସିଲଦାର ପି.ଟୋଲିଆମ୍ମା, ବିଶାଖାପାଟଣା ରେଳପଥର ଉପମୁଖ୍ୟଯନ୍ତ୍ରୀ ଏସ୍. ମୟିଲେରି, କୋରାପୁଟ ରେଳପଥର ନିର୍ବାହୀଯନ୍ତ୍ରୀ କେ. ରବୀନ୍ଦ୍ର କୁମାର, ଜଗଦଲପୁର ଏସ୍‌ଏସ୍‌ଇ ଏସ୍. ଗୋପାଲୁଡୁ, ଜଗଦଲପୁରର ଉପମୁଖ୍ୟଯନ୍ତ୍ରୀ ଏସ୍. ନିରାକେଶ୍ୱର ରାଓ, ଜୟପୁର ବ୍ଲକ ଅଧ୍ୟକ୍ଷା ସୁକାନ୍ତ ବାଗଦୋରିଆ, ବୋରିଗୁମ୍ମା ବ୍ଲକ ଅଧ୍ୟକ୍ଷା ସରୋଜିନୀ କଣ୍ଡଗିରି, କୁନ୍ଦୁରା ବ୍ଲକ ଅଧ୍ୟକ୍ଷ ସୁରେନ୍ଦ୍ର ପରଜା, ବୈପାରିଗୁଡ଼ା ସରପଞ୍ଚ ଭାଗୀରଥି ମୁର୍ଜା, ବୋରିଗୁମ୍ମା ସରପଞ୍ଚ ଚନ୍ଦ୍ରିକା ଜାନି, ଆମ୍ବାଗୁଡା ସରପଞ୍ଚ ଦିନୁ ହିକକା, ଗ୍ରୀନ୍ ଇଣ୍ଡିଆର ମାନସ ରଞ୍ଜନ ଖୁଣ୍ଟିଆ, ଆମିଟର ପ୍ରକାଶ ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

